# ଓଡିଶାରେ ସମବାୟ ଆନ୍ଦୋଳନ ତାର ଲକ୍ଷ ପଥରୁ ବିଚ୍ୟୁତ ହୋଇଛି : ବିଜେପି

ରାଜ୍ୟ ସମବାୟ ପ୍ରକୋଷ୍ଠ ବୈଠକ
୨୦୧୮, ରାଜ୍ୟ ... ଳୟ, ଭୁବନେଶ୍ୱର

ଭୁବନେଶ୍ୱର, ୨୧।୩ (ସକାଳ ଖବର): ଓଡିଶାରେ ସମବାୟ ଆନ୍ଦୋଳନ ତାର ଲକ୍ଷ ପଥରୁ ବିଚ୍ୟୁତ ହୋଇଛି ବୋଲି ବିଜେପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି । ପ୍ରାଥମିକ ସମବାୟ ସମିତିଗୁଡିକ ଚାଷୀମାନଙ୍କର ସୁରକ୍ଷା କବଚ ସାଜିବା ବଦଳରେ ଅସାଧୁ ମିଲର ଏବଂ ଦଲାଲ୍ ମାନଙ୍କର ଆଡ୍ଡାସ୍ଥଳୀରେ ପରିଣତ ହୋଇସାରିଛି । ଫଳସ୍ୱରୂପ ସମିତିଗୁଡିକରେ ଭୂତମାନେ ରାଜୁତି କରୁଛନ୍ତି । ମରିଜିବା ସମିତି ଓ ସଦସ୍ୟଗୁଡିକ ମଧ୍ୟ ସମବାୟ ସମିତିର ତାଲିକାରେ ସ୍ଥାନ ପାଇଛନ୍ତି । ସମବାୟକୁ ତାର ଲକ୍ଷ ପଥରେ ଆଗେଇ ନେବା ସଂଗେ ସଂଗେ ଗଣତାନ୍ତ୍ରୀକ, ଭ୍ରଷ୍ଟମୁକ୍ତ, ସହଯୋଗଯୁକ୍ତ ସମବାୟ ଗଠନ ପାଇଁ ଆଜି ବିଜେପି ରାଜ୍ୟ ସମବାୟ ପ୍ରକୋଷ୍ଠରେ ଆହ୍ୱାନ ଦିଆଯାଇଛି । ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଗୋଲକ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସମବାୟ ପ୍ରକୋଷ୍ଠର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଓ ସୁକେଶୀ ଓରାମ, ରାଜ୍ୟ ସାଧାରଣ ସଂପାଦକ(ସଂଗଠନ) ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସଂପାଦକ ରଂଜନ ପଟେଲ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଏହି ବୈଠକରେ ପ୍ରକୋଷ୍ଠର ସହ ସଂଯୋଜକ ପବିତ୍ର ମୋହନ ଦାଶ, କାଳିପ୍ରସାଦ ରାୟଗୁରୁ, ମଳୟ କୁମାର ଜେନା, ପର୍ଶୁରାମ ପରିଡା, କୃଷ୍ଣଚନ୍ଦ୍ର ମହାନ୍ତି, ନନ୍ଦକିଶୋର ଜେନା, କ୍ଷିରୋଦ ଦଳାଇ, ଅଜୟ ବିଶ୍ୱାଳ, ଗୌରିଶ୍ୟାମ ପଟ୍ଟନାୟକ, ଅଶ୍ୱିନି ପତି, ବିଶ୍ୱଜିତ ସ୍ୱାଇଁ, ନାରାୟଣ ପଣ୍ଡା, ଆଦିତ୍ୟ ମହାପାତ୍ର, ରାମଚନ୍ଦ୍ର ପାତ୍ର, ଦେବେନ୍ଦ୍ର ବାହିନିପତି ଏବଂ ପୁର୍ଣ୍ଣିମା କେର୍‌କେଟା ପ୍ରମୁଖ ଯୋଗ ଦେଇଥିଲେ ।

ଲିଟିଲ୍ ମିସ୍ ଗାଲାକ୍ସି ୱାର୍ଲ୍ଡ ବିଜେତା ମିସ୍ ଅର୍ପିତାଙ୍କୁ ରାଜ୍ୟ ସଚିବାଳୟରେ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଶିକ୍ଷକ ନେତାଙ୍କ ଉପରେ ପୁଲିସର ଦାଦାଗିରିକୁ ମିଳିତ ଶିକ୍ଷକ ମଞ୍ଚର ନିନ୍ଦା

ଭଦ୍ରକ, ୨୧।୩ (ସକାଳ ଖବର): ସରକାରଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇ ଶିକ୍ଷକ, ଅଧ୍ୟାପକ ମିଶି ଗଠନ କରିଥିବା ମିଳିତ ମଞ୍ଚ ପକ୍ଷରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ କରି ବିକ୍ଷୋଭ କରୁଥିବା ବେଳେ ମଞ୍ଚର ନେତା ତଥା ୬୬୨ ବର୍ଗ କଲେଜ ସଂଘର ରାଜ୍ୟ ସଭାପତି ଗୋଲକ ନାୟକଙ୍କ ଉପରେ କମିଶନରେଟ ପୁଲିସର ଅମାନବୀୟ ବ୍ୟବହାର ସାଙ୍ଗକୁ ବେଆଇନ ଗିରଫଦାରୀକୁ ମଞ୍ଚର ଭଦ୍ରକ ଶାଖା ପକ୍ଷରୁ ନିନ୍ଦା କରାଯାଇଛି । ମଞ୍ଚ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଯୋଗେ କୁହାଯାଇଛି ଯେ ସରକାର ସବୁ ସମୟରେ ରାଜ୍ୟର ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ପ୍ରତିଶୃତି ଦେଇ ବାରମ୍ବାର ପ୍ରତାରଣା କରୁଛନ୍ତି । ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ପ୍ରତିଶୃତି ଦେଉଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରୁ ନାହାନ୍ତି । ମିଳିତ ମଞ୍ଚ ଗଠନ କରାଯାଇ ଦାବି ହାସଲ ପାଇଁ ଆନ୍ଦୋଳନ ବିଭିନ୍ନ ସମୟରେ କରାଯାଉଛି । ଗତକାଲି ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ ବେଳେ ଭୁବନେଶ୍ୱର ଠାରେ ଚାଲିଥିବା ବିକ୍ଷୋଭ ସ୍ଥଳରେ ହଠାତ ପୁଲିସ ଯେଉଁଭଳି ଭାବରେ ଅମାନବୀୟ କାଣ୍ଡ ଘଟାଇଲା ତାହା ସମଗ୍ର ଶିକ୍ଷକ ସମାଜକୁ ବ୍ୟଥିତ କରିଛି । ସବୁ ସମୟରେ ସରକାରଙ୍କୁ ସହଯୋଗ କରି ଆସୁଥିବା ଶିକ୍ଷକ ସମାଜ ଉପରେ ଏହି ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନକୁ ମଞ୍ଚ ଘୋର ନିନ୍ଦା କରୁଛି । ଏଥି ସହିତ ସରକାର ଯେଉଁ ଗେଜେଟ ବାହାର କରି ଦିନ ଦିନ ଏହାର ପରିବର୍ତ୍ତନ କରୁଛି ଏହାକୁ ମଧ୍ୟ ବିରୋଧ କରାଯାଇଛି । ମିଳିତ ମଞ୍ଚ ପକ୍ଷରୁ ଓଷ୍ଟା ରାଜ୍ୟ ସଂପାଦିକା ସୁରଜିତା ନାୟକ, ଜିଲ୍ଲା ସଂପାଦକ ପ୍ରଦିପ୍ତ ଦାସ, ଶଶୀ ଶେଖର କରଶର୍ମା, ପର୍ଶୁରାମ ପାତ୍ର, ଅକ୍ଷୟ ହୋତା, ବୈକୁଣ୍ଠ ବିଶ୍ୱାଳ, ୬୬୨ ବର୍ଗରୁ ଜିଲ୍ଲା ସଭାପତି ଆଦିତ୍ୟ କୁମାର ଜେନା, ସଂପାଦକ ଲକ୍ଷ୍ମୀଧର ନାୟକ, ସୁନନ୍ଦ ମହାନ୍ତି, ପୀତାମ୍ବର ମଲ୍ଲିକ, ସୁଶାନ୍ତ ବାରିକ, ଦେବେନ୍ଦ୍ର ବେହେରା, ମଦନ ମୋହନ ସେନ୍, ୪୮୮ ବର୍ଗ କଲେଜ ସଂଘରୁ ରାଜ୍ୟ ଉପସଭାପତି ସ୍ନେହାଂଶୁ ମହାନ୍ତି, ଜୟପ୍ରକାଶ ଦାସ, ଲକ୍ଷ୍ମୀଧର ଦାସ, ଭବେଶ ସ୍ୱାଇଁ, ଅଶୋକ ନାୟକ ପ୍ରମୁଖ ଏଠାରେ ପ୍ରେସ୍‌କୁ ଜଣାଇଛନ୍ତି ।

# ବିଜେଡି ସର୍ବଦା ପ୍ରେସ୍ ସ୍ୱାଧୀନତା ଓ ନିରପେକ୍ଷ ମତାମତକୁ ସମ୍ମାନ ଦେଇଥାଏ : ପ୍ରତାପ ଦେବ

ଭୁବନେଶ୍ୱର, ୨୧।୩ (ସକାଳ ଖବର): ବିଜୁ ଜନତା ଦଳର ଭାବମୂର୍ତ୍ତୀକୁ ମଳିନ କରିବା ଲାଗି ଯେପରି ସୁଚିନ୍ତିତ ଭାବେ ଆଞ୍ଚଳିକ ଟିଭି ଚ୍ୟାନେଲ ଓଟିଭି ଯୋଜନାବଦ୍ଧ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡ଼ିଛି, ତାହା ବିଜେଡି ଓ ସମଗ୍ର ରାଜ୍ୟବାସୀ ଅନୁଭବ କରୁଛନ୍ତି ବୋଲି ବିଜେଡି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି । ବୈଜୟନ୍ତ ପଣ୍ଡା ଦଳ ବିରୋଧୀ କାର୍ଯ୍ୟକ୍ରମ ଯୋଗୁ ନିଲମ୍ବିତ ହେବା ପରଠାରୁ ଓଟିଭି ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରୁଛି। ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ ଆଜି ବିଜୁ ଜନତା ଦଳର କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି, ଟେଲିଭିଜନ ବିତର୍କ ଓ ପ୍ୟାନେଲ ଡିସ୍‌କସନ ବେଳେ ଦେଖାଯାଉଛି ଯେ ବିଜେଡି ମୁଖପାତ୍ର ଓ ପ୍ୟାନେଲିଷ୍ଟ ମାନଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ନ୍ୟୁନତମ ସମୟ ମଧ୍ୟ ଆଙ୍କରର ମାନେ ଦେଉନାହାନ୍ତି, ଯାହା ପକ୍ଷପାତିତା ବ୍ୟତିତ ଆଉ କିଛି ହୋଇ ନପାରେ ବୋଲି ବିଜେଡି ଅଭିଯୋଗ କରିଛି । ନିରପେକ୍ଷ ନହୋଇ ବିଜେଡିକୁ କୋଣଠେସା କରିବାର ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି । ଏପରିକି ବିଜେଡି ମୁଖପାତ୍ର ଓ ପାନେଲିଷ୍ଟ ଉତ୍ତର ଦେବାକୁ ସର୍ବନିମ୍ନ ସୁଯୋଗ ଦିଆଯାଉନାହିଁ। ଓଟିଭି ଦର୍ଶକମାନେ ଏହି ଚାନେଲର ତର୍କନେଇ କରିଥିବା ଟୁଇଟ୍ ଗୁଡିକରେ ନିରପେକ୍ଷତା ଅଭାବ ଅନୁଭବ କରୁଥିବା ଦର୍ଶାଇବା ସହ ଆଙ୍କରର୍ ମାନଙ୍କ ପକ୍ଷପାତିତା ନେଇ ଅଙ୍ଗୁଳି ଉଠାଇଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ବହୁ ବୁଦ୍ଧିଜୀବୀଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକ ଯୁବତୀ ଓଟିଭି କରୁଥିବା ପକ୍ଷପାତ ଓ ବିଜେଡିକୁ ଉଚିତ୍ ଦୃଷ୍ଟିରେ ଦେଖୁନଥିବାର ତୀବ୍ର ସମାଲୋଚନା କରିଥିବା ଦଳ କହିଛି । ଏହାମଧ୍ୟ ଅନୁଭବ କରାଯାଉଛି ଯେ, ରାଜ୍ୟର ୩୦ ସାଂସଦ ଓ ୧୪୭ ବିଧାୟକଙ୍କ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟକ୍ରମ ଓ ଟୁଇଟର୍ ମତାମତକୁ ଯେତିକି ଗୁରୁତ୍ୱ ଦେଉଛି ତାଠାରୁ ଅଧିକ ଗୁରୁତ୍ୱ କେବଳ ବୈଜୟନ୍ତ ପଣ୍ଡାଙ୍କୁ ସାଂସଦ କହି ଦିଆଯାଉଛି। ଶ୍ରୀ ଦେବ ପ୍ରତିକ୍ରିୟାରେ କହିଛନ୍ତି, ଓଟିଭିର ଏହିପରି ପକ୍ଷପାତ ଆଚରଣ ଯୋଗୁ ଏହାର କୌଣସି କାର୍ଯ୍ୟକ୍ରମରେ ଦଳର କେହି ସେପର୍ଯ୍ୟନ୍ତ ଭାଗ ନେବେ ନାହିଁ, ଯେପର୍ଯ୍ୟନ୍ତ ଓଟିଭି ନିରପେକ୍ଷ ଆଚରଣ ପ୍ରଦର୍ଶନ କରିବ ନାହିଁ। ବିଜୁ ଜନତା ଦଳ ସଦା ସର୍ବଦା ପ୍ରେସ୍ ସ୍ୱାଧୀନତା ଓ ନିରପେକ୍ଷ ମତାମତକୁ ସମ୍ମାନ ଦେଇ ଆସିଛି ଓ ଆଗକୁ ମଧ୍ୟ ଏହା ଜାରି ରହିବ। ଆଜି ଶ୍ରୀ ପ୍ରତାପ ଦେବଙ୍କ ସହ ରାଜ୍ୟ ସଂପାଦକ ବିଜୟ ନାୟକ, ମୁଖପାତ୍ର ସସ୍ମିତ ପାତ୍ର, ସୁଲୋଚନା ଦାସ ଏବଂ ବିଜେଡି ନେତା ସୁବାଷ ସିଂ ଉପସ୍ଥିତ ଥିଲେ।

# କୋଇଲା ଖଣି ଅଞ୍ଚଳରୁ ଶ୍ରମିକର ଶବ ଉଦ୍ଧାର

ତାଳଚେର, ୨୧।୩ (ସକାଳ ଖବର): ତାଳଚେର କୋଇଲା କ୍ଷେତ୍ର ଅଧିନସ୍ଥ ବଳଣ୍ଡା ଅଞ୍ଚଳରେ କାର୍ଯ୍ୟରତ ଜଣେ ଶ୍ରମିକର ମୃତ ଦେହକୁ ଆଜି କୋଲିୟରୀ ପୁଲିସ ଉଦ୍ଧାର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବଡ଼ଯୋରଡ଼ା ଗ୍ରାମର ଇନ୍ଦ୍ରମଣି ନାଏକ (୫୫) ଗତକାଲି ଖଣି କାର୍ଯ୍ୟକୁ ଯାଇ ଦିନ ୧୧ଟା ବେଳେ ଫେରିବାକୁ ଥିବା ବେଳେ ସେ ଫେରିନଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରିବା ପରେ ଇନ୍ଦ୍ରମଣି ଓରିକେମ୍ ନିକଟସ୍ଥ କନ୍‌ଭେୟର ଲାଇନ୍‌ରେ ମରିପଡିଥିବା ଦେଖିବାକୁ ପାଇଥିଲେ। ମୃତକଙ୍କ ପରିବାରକୁ ନିଯୁକ୍ତି ସହ କ୍ଷତିପୂରଣ ମିଳିବା ପାଇଁ ଲୋକମାନେ ଦାବି କରି ଆନ୍ଦୋଳନ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ଛାଡ଼ିଦେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାଳଚେର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି।

## ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

ହରିଚନ୍ଦନପୁର, ୨୧।୩ (ସକାଳ ଖବର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଶଗଡପଟା ପଂଚାୟତ ପାଲବଣୀ ଗ୍ରାମର ମୃତ ସ୍ୱାମୀ ଦାମ କରେଇଙ୍କ ସ୍ତ୍ରୀ ଜେମା କରେଇ(୬୫) ଗୁରୁତର ଆହତ ହୋଇଛନ୍ତି। ବୁଧବାର ସକାଳ ୫ଘଟିକା ସମୟରେ ଗ୍ରାମ ନିକଟବର୍ତୀ ମହୁଲ ଫୁଲ ଗଛମୂଳରେ ମହୂଲ ଗୋଟାଉଥିବା ବେଳେ ଜଙ୍ଗଲ ମଧ୍ୟରୁ ଏକ ଦନ୍ତା ହାତୀ ବାହାରି ବୃଦ୍ଧା ଜେମା କରେଇଙ୍କୁ ଆକ୍ରମଣ କରିଥିଲେ । ଫଳରେ ଜେମା କରେଇଙ୍କ ଗୋଡ ଭାଙ୍ଗି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକମାନେ ଜାଣିପାରି ଭଗାମୁଣ୍ଡା ବନକର୍ମଚାରୀଙ୍କୁ ଜଣାଇଥିଲେ । ଫରେଷ୍ଟ ଗାର୍ଡ ବୁଧଦେବ ସାହୁ ଘଟଣା ସ୍ଥଳରେ ପହଂଚି ୧୦୮ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠିଚିକିତ୍ସାଳୟରେ ଭର୍ତି କରିଥିଲେ ।

## ଜୟନାରାୟଣଙ୍କୁ ଖସାଇବା ପାଇଁ ବିଜେପି ସିବିଆଇ ତଦନ୍ତ ଦାବି କରୁଛି : ସୁଶାନ୍ତ ସିଂହ

ଭୁବନେଶ୍ୱର, ୨୧।୩ (ସକାଳ ଖବର): ବନାବିରା ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇ ଜେଲରେ ଥିବା ବିଜେପିର ବରିଷ୍ଠ ନେତା ଜୟ ନାରାୟଣ ମିଶ୍ରଙ୍କ ଖସାଇଦେବା ପାଇଁ ବିଜେପି ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଉଛି ଏବଂ ଗୃହର ମୂଲ୍ୟବାନ ସମୟ ନଷ୍ଟ କରାଯାଉଛି ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ପ୍ରକାଶ କରିଛନ୍ତି ।

# ଚଳିତ ବର୍ଷ ୩ ଲକ୍ଷ ୪୦ ହଜାର ହେକ୍ଟର ଅଞ୍ଚଳରେ ବନୀକରଣ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର, ୨୧।୩ (ସକାଳ ଖବର): ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ବିଭିନ୍ନ ବନୀକରଣ ଯୋଜନା ଜରିଆରେ ୨୪ ହଜାର ୪୪୪ ହେକ୍ଟର ପରିମିତ ଅଂଚଳରେ କୃତ୍ରିମ ପୂନଃ ଜନନ ୩ ଲକ୍ଷ ୧୫୯୧୧ ହେକ୍ଟର ପରିମିତ ଅଂଚଳରେ ଉଜୁଡା ଜଙ୍ଗଲର ପୁର୍ନଉଦ୍ଧାର ଏହିପରି ମୋଟ ୩ ଲକ୍ଷ ୪୦ ହଜାର ୩୫୬ ହେକ୍ଟର ପରିମିତି ଅଂଚଳରେ ବନୀକରଣ କରାଯିବ । ଏହା ବ୍ୟତୀତ ୫,୬୧୦ ରୋ କିମି ପଥପାର୍ଶ୍ୱ ବନୀକରଣ କରାଯିବା ସହ ୪୧୪.୮୩ ଲକ୍ଷ ବୃକ୍ଷ ଚାରା ସ୍ୱଳ୍ପ ମୂଲ୍ୟରେ ବିତରଣ ନିମନ୍ତେ ପ୍ରସ୍ତାବ ରହିଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି। କୈଳାଶ ଚନ୍ଦ୍ର କୁଲେସିକାଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ବିଗତ ୨ବର୍ଷରେ ୧,୯୪୪.୪୫୮ ହେକ୍ଟର ଓ ୨୦୧୭ରେ ୧୪,୧୨୧.୧୦୧ ହେକ୍ଟର ଜମିରେ ନିଆଁ ଲାଗିଯାଇ ନଷ୍ଟ ହୋଇଛି। ୨୦୧୨-୧୭ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ୬୫,୨୨୮ଟି ଜଙ୍ଗଲ ଅପରାଧ ଚିହ୍ନଟ କରାଯାଇଛି। ଏଥିରେ ୧୫୧,୧୮୦ ଲୋକ ସମ୍ପୃକ୍ତ ଥିବାର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରୁ ଜଣାପଡିଛି ।

# ସୁନ୍ଦରଗଡ ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି ଅନିଲ୍ ସାଗରଙ୍କ ପରଲୋକରେ ଶୋକ

ଭୁବନେଶ୍ୱର, ୨୧।୩ (ସକାଳ ଖବର): -ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସୁନ୍ଦରଗଡ ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି ଅନିଲ ସାଗରଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଏକ ଉଦିୟମାନ ଯୁବ ନେତୃତ୍ୟ ଏବଂ ସୁନ୍ଦରଗଡ ଜିଲ୍ଲାର ଯୁବ ଓ ଛାତ୍ର ସଂଗଠନର ଏକ ସକ୍ରୀୟ ସଂଗଠକଙ୍କୁ ହରାଇଛି। ତାଙ୍କ ମୃତ୍ୟୁ ସାରା ରାଜ୍ୟ ତଥା ସୁନ୍ଦରଗଡ ଜିଲ୍ଲା ବିଜୁ ଯୁବ ଜନତା ପରିବାର ପାଇଁ ଏକ ଅପୁରଣୀୟ କ୍ଷତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସହ ଶୋକ ସନ୍ତପ୍ତ ପରିବାରକୁ ଭଗବାନ ସହାୟ ହୁଅନ୍ତୁ ବୋଲି ରାଜ୍ୟ ବିଜୁ ଯୁବ ଜନତା ଦଳ ତରଫରୁ ରାଜ୍ୟ ସଭାପତି ଶ୍ରୀ ଅମରେଶ ପତ୍ରୀ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି।

# ହିଙ୍ଗୁଳା ପୀଠରେ ଯନ୍ତାଳ ପୂଜା

ତାଳଚେର, ୨୧।୩: ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପୂଜା ଅନୁଷ୍ଠିତ ହୋଇଛି। ଆଜି ମଧ୍ୟାହ୍ନରେ ଦେହୁରୀଙ୍କ ଘରୁ ମା ହିଙ୍ଗୁଳାଙ୍କ ଆଲମକୁ କୁଟେଇଶୁଣି ମଣ୍ଡପକୁ ଅଣାଯାଇ ବିଧି ମୁତାବକ ପୂଜା କରାଯାଇଥିଲା । ଏହାପରେ ଡାକୁଆମାନେ ଏକ ଶୋଭାଯାତ୍ରାରେ ପଟିଆରଙ୍କ ଘରକୁ ଯାଇଥିଲେ । ସେଠାରେ ପଟିଆରଙ୍କୁ ତିନି ଡାକ ଡାକିବାରୁ ପଟିଆର ବାହାରକୁ ଆସି ନିକଟସ୍ଥ ପୁଷ୍କରଣୀରେ ସ୍ନାନ କରିଥିଲେ । ଏହାପରେ ସେ କୁଟେଇଶୁଣି ମଣ୍ଡପକୁ ଯାତ୍ରା କରିଥିଲେ । ସେଠାରେ ଦେହୁରୀ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପ୍ରଦାନ କରି ଥିଲେ । ସେହି ନୂତନ ବସ୍ତ୍ର ପରିଧାନ କରିସାରିଲା ପରେ ପଟିଆରଙ୍କୁ ଦେବୀ ରୂପରେ ଷୋଡଶୋପଚାରରେ ବିଧି ଅନୁଯାୟୀ ପୂଜା କରା ଯାଇଥିଲା । ଏହି ପୂଜାକୁ ମା ହିଙ୍ଗୁଳାଙ୍କ ଜନ୍ତାଳ ପୂଜା କୁହାଯାଏ । ପଟିଆରଙ୍କ ଠାରେ ଦେବୀ ଆବିଷ୍ଟ ହୋଇ ମା ହିଙ୍ଗୁଳାଙ୍କ ଆର୍ବିଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେଇଥାନ୍ତି । ପୂର୍ବ ସୂଚନା ଅନୁଯାୟୀ ଦେହୁରୀ ଅର୍ଦ୍ଧରାତ୍ରରେ ଏକା ଯାଇ ମାଙ୍କ ଆବିର୍ଭାବ ସ୍ଥଳୀ ବା ଉଭା ସ୍ଥଳୀକୁ ନିର୍ଣ୍ଣୟ କରିଥାନ୍ତି । ମା ହିଙ୍ଗୁଳାଙ୍କ ଏହି ଜନ୍ତାଳ ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପାରମ୍ପରିକ ବାଦ୍ୟ ଢୋଲ, ନିଶାଣ, ମହୁରୀର ଶବ୍ଦ ସହ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିଲା ।

# ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ବିଶାଳ ଗଣବିକ୍ଷୋଭ

ସମସ୍ତ ବାସହୀନଙ୍କୁ ବାସଗୃହ ପାଇଁ ଚିହ୍ନଟ କରି ପରିଚୟ ପତ୍ର ପ୍ରଦାନ ଦାବିରେ
ବିଶାଳ ଗଣ ବିକ୍ଷୋଭ
ବାସିନ୍ଦା ମିଳିତ ମଞ୍ଚ, ଓଡ଼ିଶା

କଟକ, ୨୧।୩ (ସକାଳ ଖବର): ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ କଟକ ସହରରୁ ହଜାର ହଜାର ବସ୍ତିବାସିନ୍ଦା ଓ ରାଜ୍ୟର ବିଭିନ୍ନ ସହରରୁ ବହୁ ସଂଖ୍ୟାରେ ପ୍ରତିନିଧିମାନଙ୍କର ଏକ ବିଶାଳ ଗଣବିକ୍ଷୋଭ ବିଧାନସଭା ସମ୍ମୁଖରେ ହୋଇଯାଇଛି। ଭୁବନେଶ୍ୱର ରେଳଷ୍ଟେସନଠାରୁ ହଜାର ହଜାର ବାସହୀନ ଲୋକଙ୍କର ଏକ ବିଶାଳ ପଟୁଆର ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ତ ବାସହୀନମାନଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ କରିବା, ସମସ୍ତ ବାସହୀନ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ଯୋଜନାରେ ବାସଗୃହ ଯୋଗାଇ ଦେବା, ୨୦୧୭ବସ୍ତିବାସିନ୍ଦା ଓ ବାସହୀନଙ୍କ ପାଇଁ ହୋଇଥିବା ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବା, ରେଳୱେ ବିଭାଗ ଦ୍ୱାରା ଉଚ୍ଛେଦ ହେବାକୁ ଥିବା ଝାଡୁବସ୍ତି ସମେତ ଅନ୍ୟାନ୍ୟ ବସ୍ତିକୁ ବିନା ଥଇଥାନରେ ଉଚ୍ଛେଦ ବନ୍ଦ କରିବା, କଟକର ବିଡାନାସୀ ସମେତ ବିଭିନ୍ନ ସ୍ଥାନରେ ରହୁଥିବା ସାଧାରଣ ଲୋକଙ୍କ ପୁରାତନ ଜନବସତି ଗୁଡ଼ିକୁ ଆଇନ ସମ୍ମତ ପ୍ରକ୍ରିୟା ତୋରାନ୍ୱିତ କରି ସାଧାରଣ ଲୋକଙ୍କୁ ପଟ୍ଟା ପ୍ରଦାନ କରିବା, କଟକ ସହରରେ ଅତି ପୁରାତନ କାଳରୁ ଦୁଇ ତିନି ପିଢି ଧରି ଭଡାଘରେ ରହୁଥିବା ସଂପୂର୍ଣ୍ଣ ବାସହୀନ ପରିବାରକୁ ଚିହ୍ନଟକରି ପରିଚୟ ପତ୍ର ସହ ବାସଗୃହ ଯୋଗାଇଦେବା, ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କରିବା, ‘ସମନ୍ୱିତ ଆବାସ ଏବଂ ବସ୍ତି ଉନ୍ନୟନ’ ଯୋଜନାରେ ତୁଳସୀପୁର ତଅଁଳା ସାହି ଓ ଅନ୍ଦରପୁରଠାରେ ନିର୍ମାଣ ହୋଇଥିବା ସାମ୍ୟବାଦୀ ନେତା ବିଶ୍ୱାବସୁ ଦାସ, ଛାତ୍ରନେତ୍ରୀ ବବି ବଳବନ୍ତରାୟ ବିକ୍ଷୋଭ ସଭାରେ ଉଦ୍‌ବୋଧନ ଦେଇଥିଲେ। ବସ୍ତିନେତା ଦିପକ ଦାସ, ସସ୍ମିତା ମହାନ୍ତି, ପାଭେଲ ପ୍ରିୟଦର୍ଶନ, ବିଷ୍ଣୁ ନାୟକ, ଜାହାଙ୍ଗିର ଅଲ୍ଲି, ବସନ୍ତ ନାୟକ, ଅଲତାବ ହୁସେନ୍, ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ସିଂ, ମନୋଜ ଶର୍ମା, କିଷା ରେଡ୍ଡି, ଅନିଲ ପ୍ରଧାନ, ବର୍ଜୁ ମୁଣ୍ଡା, ଲଳିତା ଦାସ, ସେଖ୍ ରଫିକ୍ ମହମ୍ମଦ, ଜହୁର ଖାଁ, କେ ସତ୍ୟ ନାରାୟଣ, ମିଟୁ ସାମଲ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ରେଣୁବାଳା ଦାସ, ରଜନୀ ଦାସ ପ୍ରମୁଖ ଏହି ଆନ୍ଦୋଳନକୁ ପରିଚାଳନା କରିଥିଲେ। ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି, ଆମ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକମାନଙ୍କୁ ମଣିଷ ଭଳି ବଞ୍ଚିବା ପାଇଁ ଅଧିକାର ଦେଇଛି ମାତ୍ର ବିଡମ୍ବନାର ବିଷୟ ତାହା କାର୍ଯ୍ୟକାରି ହେଉନାହିଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟର ବିଭିନ୍ନ ହାଇକୋର୍ଟ ଗୁଡିକ ଯଥା ଦିଲ୍ଲୀ, ବମ୍ବେ, ଚେନାଇ ସର୍ବୋପରି ଓଡିଶା ହାଇକୋର୍ଟ ମଧ୍ୟ ତାଙ୍କର ବିଭିନ୍ନ ରାୟରେ ନାଗରିକର ଅଧିକାର ଓ ବସ୍ତିବାସିନ୍ଦାମାନଙ୍କର ମୌଳିକ ଅଧିକାର ଭାବେ ଥଇଥାନ କରିବା ବିଷୟରେ ଦୃଢ ଭାବେ ବିଭିନ୍ନ ରାୟରେ ପ୍ରକାଶ କରିଛନ୍ତି।

# ଫାର୍ମାସିଷ୍ଟଙ୍କର ଘରେ ଭିଜିଲାନ୍ସ ଚଢ଼ାଉ

ନବରଙ୍ଗପୁର, ୨୧।୩ (ସକାଳ ଖବର): ରାଇଘର ବ୍ଲକ ଅନ୍ତର୍ଗତ ହାଟଭରଣ୍ଡି ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ବଳରାମ ବେହେରାଙ୍କର ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି। ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଏହି ଚଢ଼ାଉ କରାଯାଉଥିବା ଜଣାଯାଇଛି। ଫାର୍ମାସିଷ୍ଟଙ୍କର ସମେତ ତାଙ୍କର ଦୁଇପତ୍ନୀ ଓ ଗୋଟିଏ ପୁଅ ଚାକିରୀ କରୁଥିବାବେଳେ ଅନ୍ୟପୁଅ ବ୍ୟବସାୟ କରୁଛନ୍ତି। ତାଙ୍କର ବହୁ କୋଠାଘର ସହ ଗାଡ଼ି ଓ ବ୍ୟାଙ୍କ ବାଲାନ୍ସ ରହିଥିବା ଜଣାପଡ଼ିଛି। ଜୟପୁର ଭିଜିଲାନ୍ସ ଅଦାଲତର ସର୍ଚ୍ଚ ଆଦେଶ ପ୍ରକାରେ ଏହି ଚଢ଼ାଉ କରାଯାଇଛି। ବଳରାମଙ୍କର ପ୍ରଥମ ପତ୍ନୀ ଝରଣାରାଣୀ ଘୋଷ ଏଏନଏମ ରହିଥିବାବେଳେ ଦ୍ୱିତୀୟ ପତ୍ନୀ କେ. ମମତାରାଣୀ ସ୍ୱାସ୍ଥ୍ୟକର୍ମୀ ଓ ଜଣେ ପୁଅ ଫାର୍ମାସିଷ୍ଟ ରହିଥିବାବେଳେ ଅନ୍ୟ ଜଣେ ପୁଅ ବ୍ୟବସାୟ କରୁଥିବା ଜଣାଯାଇଛି। ବଳରାମଙ୍କର ନିଜଘର କୋଦଭଟ୍ଟାରେ ଦୁଇ ମହଲା ବିଶିଷ୍ଟ ତିନୋଟି ଘର ଓ ୧୦ଟି ଭଡ଼ାଘର ରହିଛି। ରାଇଘରରେ ୬ଟି ବଖରା ମାର୍କେର୍ଟ କମ୍ପ୍ଲେକ୍ସ, ଗୋଟିଏ ଟାଟା ସଫାରୀ, ୩ଟି ବାଇକ, ଗୋଟିଏ ସ୍କୁଟି ରହିଥିବାବେଳେ ୧୩୪ ଗ୍ରାମ ସୁନା, ବ୍ୟାଙ୍କ ଜମା ୪ଲକ୍ଷ ୫୦ହଜାର ଟଙ୍କା ଓ ୧୪ଲକ୍ଷ ଟଙ୍କାର ୫ଟି ପ୍ଲଟ ରହିଛି ସମେତ ବହୁଘର କରଣା ଓ ଆସବାବପତ୍ର ରହିଛି। ଏହି ସମସ୍ତଘର ସମେତ ହାଟଭରଣ୍ଡିର କାର୍ଯ୍ୟାଳୟ ଓ ସରକାରୀ କ୍ୱାଟରରେ ଚଢ଼ାଉ କରାଯାଉଛି। ତେବେ ସନ୍ଧ୍ୟା ୭ଟା ସୁଦ୍ଧା ଚଢ଼ାଉ ଜାରି ରହିଥିବାବେଳେ ସମସ୍ତ ସମ୍ପତିର ଆକଳନ କରାଯାଉଥିବା ଜଣାପଡ଼ିଛି। ଜୟପୁର ଭିଜିଲାନ୍ସ ଏସପିଙ୍କର ଅଧିନରେ ରହିଥିବା ଭବାନୀପାଟଣାର ଡିଏସପି ସତ୍ୟବାନ ମହାନନ୍ଦ, ଜୟପୁର ଡିଏସପି ହେନେରୀ କୁଲୁ, ରାୟଗଡ଼ାର ଡିଏସପି ସୁଶାନ୍ତ କୁମାର ବିଶ୍ୱାଳ, ମାଲକାନଗିରି ଇନ୍ସପେକ୍ଟର ଶରତ କୁମାର ସାହୁ, ଭବାନୀପାଟଣା ଇନ୍ସପେକ୍ଟର ଶିବରାମ ସାହୁ, ନବରଙ୍ଗପୁର ଇନ୍ସପେକ୍ଟର ଦୀନବନ୍ଧୁ ବେହେରା, ରାୟଗଡ଼ା ଇନ୍ସପେକ୍ଟର କଳାବତୀ ବାଗ, ଜୟପୁର ଇନ୍ସପେକ୍ଟର ପ୍ରମିଳା ସୁନା ଓ ନୂଆପଡ଼ା ଇନ୍ସପେକ୍ଟର ଅଶୋକ କୁମାର ବେରୁଆ ପ୍ରମୁଖ ଏହି ଚଢ଼ଉରେ ଭାଗ ନେଇଛନ୍ତି। ଏହାସହିତ ସରକାରୀ ସାକ୍ଷୀ ଉପସ୍ଥିତି ଅଛନ୍ତି। ସମସ୍ତ ସମ୍ପତିର ଆକଳନ କରାଯିବା ପରେ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।